୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.5 Bhubaneswar Friday Feburary 07 2025 | ୨୭ତମ ବର୍ଷ ସଂଖ୍ୟା-୫ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୦୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ନୟାଗଡ ସମବାୟ ବ୍ୟାଙ୍କରେ କୋଟି କୋଟି ଟଙ୍କା ହରିଲୁଟ୍ : ପରିଚାଳନା କମିଟି ନିଲମ୍ବିତ, ଖୋଳତାଡ କରିବ କ୍ରାଇମବ୍ରାଂଚ୍

ଭୁବନେଶ୍ୱର,୬।୨(ପି.ଏନ):ରାଜ୍ୟରେ ଦୁର୍ନୀତିର ଆଡାସ୍ଥଳୀ ପାଲଟିଛି ସମବାୟ ବ୍ୟାଙ୍କ । ଗରିବ ଚାଷୀ ଓ ସାଧାରଣ ଲୋକଙ୍କ ଟଙ୍କାକୁ ପୈତୃକ ସମ୍ପତ୍ତି ଭଳି ଆହରଣ କରିବାକୁ ପଛାଉନାହାନ୍ତି ସମବାୟ ବ୍ୟାଙ୍କ ପରିଚାଳନା କମିଟିର ପଦାଧିକାରୀମାନେ । ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା କମିଟି ସଭାପତିଙ୍କ ବିରୁଦ୍ଧରେ ପୁଳାପୁଳା ଦୁର୍ନୀତି ଅଭିଯୋଗ ଥମିନଥିବାବେଳେ ପୁଣି ଦୁର୍ନୀତି ଓ ଅର୍ଥ ତୋଷାରପାତ ଅଭିଯୋଗରେ ନୟାଗଡ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା କମିଟିକୁ ଗୁରୁବାର ତତ୍କାଳ ପ୍ରଭାବରୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି । ବ୍ୟାଙ୍କରେ ହୋଇଥିବା ଅର୍ଥ ତୋଷାରପାତର ଅଧିକ ତଦନ୍ତ କରି ଦୋଷୀଙ୍କୁ ଧରିବା ଓ ଅର୍ଥ ଆଦାୟ କରିବାକୁ କ୍ରାଇମବ୍ରାଂଚ୍‌ର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)କୁ ଚିଠି ଲେଖିଛି ରାଜ୍ୟ ସମବାୟ ବିଭାଗ ।

ରାଜ୍ୟ ସମବାୟ ବ୍ୟାଙ୍କ ରେଜିଷ୍ଟ୍ରାର ସନ୍ତୋଷ କୁମାର ଦାଶ ଗୁରୁବାର ଓଡିଶା ସମବାୟ ସୋସାଇଟି ଆଇନ-୧୯୬୨ର ଧାରା -୩୨(୭)? ପ୍ରଦତ୍ତ କ୍ଷମତାର ଉପଯୋଗ କରି ନୟାଗଡ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳନା କମିଟିକୁ ତତ୍କାଳ ପ୍ରଭାବରୁ ନିଲମ୍ବନ କରିଛନ୍ତି । ଆଉ ବ୍ୟାଙ୍କର ପରିଚାଳନା ନିମନ୍ତେ ନୟାଗଡ ଜିଲ୍ଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି । ଏପଟେ ରାଜ୍ୟ ସମବାୟ ବିଭାଗର ଯୁଗ୍ମ ସଚିବ ସଂଗ୍ରାମ କେଶରୀ ରାଉତ ଫେବୃୟାରୀ ୪ତାରିଖରେ ଭୁବନେଶ୍ୱରସ୍ଥିତ ଅର୍ଥନୀତିକ ଅପରାଧ ଶାଖା ଏସପିଙ୍କୁ ଚିଠି ଲେଖି ନୟାଗଡ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ହୋଇଥିବା ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି । ଆର୍ଥିକ




ଅନିୟମିତତାର ଅଭିଯୋଗ ପରେ ବିଭାଗ ଦ୍ୱାରା ଗଠିତ ତଦନ୍ତ ଟିମ୍ ଏହାର ଯାଂଚ୍ କରି ଲୋକଙ୍କ କୋଟିକୋଟି ଟଙ୍କାକୁ ଜାଲିଆତି ଢଙ୍ଗରେ ଲୁଟ୍ କରାଯାଇଥିବା ଜାଣିବାକୁ ପାଇଛନ୍ତି । ତେଣୁ ଏହି ଅର୍ଥକୁ ଠାବ କରିବା ସହ ଅପରାଧରେ ସାମିଲ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରିବା ନିମନ୍ତେ ବିଭାଗ ଅନୁରୋଧ କରିଛି ।

କାହିଁକି ନିଲମ୍ବନ ହେଲା ପରିଚାଳନା କମିଟି

ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ଶ୍ରୀ ଦାଶଙ୍କ ନିର୍ଦ୍ଦେଶନାମା ଅନୁସାରେ ପ୍ୟାନ୍ କାର୍ଡ ନମ୍ବର ଅସଙ୍ଗତି ଯୋଗୁ ଆୟକର ବିଭାଗ ଦ୍ୱାରା ନୟାଗଡ ବ୍ୟାଙ୍କକୁ ୩୬୨.୫୬କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ ହୋଇଥିଲା । ଏହି ଜୋରିମାନା ବିବାଦର ସମାଧାନ ପାଇଁ ବ୍ୟାଙ୍କ ପରିଚାଳନା କମିଟି ଏକ ବୈଠକ କରି ୨୦୨୩ ଡିସେମ୍ବର ୧୪ତାରିଖରେ ନୟାଗଡସ୍ଥିତ ଏସଏସ୍ ଦାଶ ଆଣ୍ଡ ଆସୋସିଏଟସକୁ ବେଆଇନ ଭାବେ ନିଯୁକ୍ତି ଦେଲେ । ୨୦୨୪ ଫେବୃୟାରୀ ୨୧ତାରିଖରେ ସବୁ ନିୟମକୁ ଫୁ'କରି ସାଧାରଣ ପରିଚାଳନା ବୈଠକରେ ଏକ ପ୍ରସ୍ତାବ ପାରିତ କରାଇଲେ, ଯେଉଁଥିରେ ଏସଏସ୍ ଦାଶ ସଂସ୍ଥାକୁ ମୋଟ ଜୋରିମାନା ଅର୍ଥର ୧ପ୍ରତିଶତ କନସଲଟାନ୍ସି ଫି' ଦେବାକୁ ନିଷ୍ପତ୍ତି ହେଲା । ଆଉ ପରିଚାଳନା କମିଟି ମଧ ଗୋଟିଏ ଥରରେ ୨.୧୦କୋଟି ଟଙ୍କା ଏହି ସଂସ୍ଥାକୁ ହସ୍ତାନ୍ତର କଲେ । ଏହି ୧ପ୍ରତିଶତ କେଉଁ ଆଧାରରେ ନିର୍ଦ୍ଧାରଣ କରାଗଲା ଓ କାହିଁକି ଅନ୍ୟ କୌଣସି ଫାର୍ମ ଓ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରାଗଲାନି ତାହା ସନ୍ଦେହଘେରରେ । ଏତେ ପରିମାଣର ଟଙ୍କା ଦେବା ପଛରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡିଥିଲା ।

୨- ପରିଚାଳନା କମିଟି ୨୦୨୩ ସେପ୍ଟେମ୍ବର ୨୯ତାରିଖରେ ଏକ ପ୍ରସ୍ତାବ ପାରିତ କରାଇ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ପବିତ୍ର ମୋହନ ପ୍ରଧାନଙ୍କୁ ମାସିକ ୧୦ହଜାରଟଙ୍କା ପରିଶ୍ରମିକରେ ସଭାପତିଙ୍କ ଓଏସଡି ଭାବେ ନିଯୁକ୍ତି ଦେଲା । ଏହି ନିଯୁକ୍ତି ଖୋଲାଖୋଲି ଭାବେ ସମବାୟ ରେଜିଷ୍ଟ୍ରାରଙ୍କ ୨୦୧୦ ଅକ୍ଟୋବର ୧ତାରିଖର ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ । ଏହା ସମ୍ପୂର୍ଣ୍ଣ ବେଆଇନ ଓ ବ୍ୟାଙ୍କ ଉପରେ ଅଯଥା ଆର୍ଥିକ ବୋଝ ମଧ ।

୩- ପରିଚାଳନା କମିଟି ୨୦୨୨ ଡିସେମ୍ବର ୨୮ତାରିଖରେ ଏକ ପ୍ରସ୍ତାବ ପାରିତ କରି ସଭାପତି ଓ ପରିଚାଳନା କମିଟିର ସଦସ୍ୟମାନଙ୍କ ଦୈନିକ ଭତ୍ତା ୪ହଜାର ଟଙ୍କା ନିର୍ଦ୍ଧାରଣ କଲେ । ଆଉ ଏହି ଭତ୍ତାବାବଦରେ ମାସିକ ମୋଟା ଅଙ୍କ ପାଇବା ପାଇଁ ସଦସ୍ୟମାନେ ବେଆଇନ ଭାବେ ବ୍ୟାଙ୍କର ବିଭିନ୍ନ ଶାଖା ଓ ପ୍ରାଥମିକ କୃଷି ସମବାୟ ସଂସ୍ଥାକୁ ଗସ୍ତ କଲେ । ଯାହାଫଳରେ ବ୍ୟାଙ୍କ ଉପରେ ଆର୍ଥିକ ବୋଝ ବ?ିବା ସହ ଗରିବ ଚାଷୀମାନେ ମଧ କ୍ଷତିଗ୍ରସ୍ତ ହେଲେ ।

୪- ଓଡିଶା ସମବାୟ ସୋସାଇଟି ଆଇନ-୧୯୬୨ର ଉଲ୍ଲଙ୍ଘନ କରି ମନମୁଖୀ ଭାବେ ପରିଚାଳନା କମିଟିରେ ନିଜର ସମ୍ପର୍କୀୟମାନଙ୍କୁ ଥଇଥାନ କରିଛନ୍ତି ।

ରାଜନୀତିକ ଦିଗ

ବିଜେଡି ଶାସନରେ ଥିବାବେଳେ ଏହି ପରିଚାଳନା କମିଟି ଗଠିତ ହୋଇଥିଲା । ବିଜେଡି ସମର୍ଥିତ ଅଧିକାଂଶ ସଦସ୍ୟ ଏଥିରେ ଥିବାବେଳେ ଏହି ଆର୍ଥିକ ତୋଷାରପାତ ଉପରେ ଲଗାମ ଦେବାକୁ ପ୍ରୟାସ କରିଛନ୍ତି ଜିଲ୍ଲାର ବିଧାୟିକା ତଥା ବାଚସ୍ପତି ସୁରମା ପା?ୀ । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଆଧାରରେ ଓ ବାଚସ୍ପତିଙ୍କ ହସ୍ତକ୍ଷେପ ଯୋଗୁ ଏହି ମୋଟାଅଙ୍କର ଅର୍ଥ ତୋଷାରପାତ ଉପରେ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ସମ୍ଭବପର ହୋଇପାରିଥିବା ଚର୍ଚ୍ଚା ହେଉଛି ।

## ନିର୍ବାଚନରେ ବିଜେପି ଖର୍ଚ୍ଚ କରିଛି ୧୭୩୭ କୋଟି !



ଭୁବନେଶ୍ୱର,୬।୨(ପି.ଏନ):ବିଳମ୍ବରେ ହେଲେ ବି ଭାରତୀୟ ଜନତା ପାର୍ଟି- ବିଜେପି ନିର୍ବାଚନ କମିଶନଙ୍କ ନିକଟରେ ୨୦୨୪ ଲୋକସଭା ନିର୍ବାଚନ ସହ ଓଡିଶା ସମେତ ୪ଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନ ସଂପର୍କିତ ଖର୍ଚ୍ଚର ହିସାବ ଦେଇଛି । ଏଥିରୁ ଜଣାପଡିଛି, ୨୦୨୪ ଏପ୍ରିଲ ୧୯ ତାରିଖରେ ନିର୍ବାଚନ ଘୋଷଣା ହେବା ପରଠାରୁ ଜୁନ ୧ ତାରିଖରେ ନିର୍ବାଚନ ସରିବା ଭିତରେ ଅର୍ଥାତ୍ ପ୍ରାୟ ଦେଢ଼ ମାସ ଭିତରେ ବିଜେପିକୁ ୫୫୫୨.୪୨ କୋଟି ଟଙ୍କାର ନିର୍ବାଚନୀ ଚାନ୍ଦା ମିଳିଛି। ଏଥିରୁ ଓଡିଶା- ବିଜେପିକୁ ମାତ୍ର ୬୨.୪୮ କୋଟି ଟଙ୍କା ଦିଆଯାଇଛି। ତେବେ ଏଥିରୁ ବିଜେପି ତାର ସାଂସଦ ପ୍ରାର୍ଥୀଙ୍କୁ ପ୍ରାୟ ୬୦ ଲକ୍ଷ ଟଙ୍କା ଲେଖାଏଁ ଦେଇଛି। କେବଳ ସମ୍ବଲପୁରର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୭୦ ଲକ୍ଷ ଟଙ୍କା ମିଳିଛି। ସେହିଭଳି ବିଜେପି ତାର ବିଧାୟକ ପ୍ରାର୍ଥୀମାନଙ୍କୁ ପ୍ରାୟ ୨୦ ଲକ୍ଷ ଟଙ୍କା ଦେଇଛି। କେବଳ ସୋରୋର ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ୍ଡାଙ୍କୁ ଦଳ ୪୦ ଲକ୍ଷ ଟଙ୍କା ଦିଆଯାଇଛି। ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ଦଳ ମୋଟ ୩୪.୩୩ କୋଟି ଟଙ୍କା, ସାଂସଦ ପ୍ରାର୍ଥୀଙ୍କ ପାଇଁ ୧୬.୧୧ କୋଟି ଓ ଦଳୀୟ ପ୍ରଚାରରେ ୮.୭୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଅର୍ଥାତ୍ ମୋଟ ୫୯.୧୯ କୋଟି ଟଙ୍କା ଖର୍ଚ୍ଚ କରିଛି।

## ମାଟ୍ରିକ ପରୀକ୍ଷା ସରିବା ପରେ ମାର୍ଚ୍ଚ ୧୯ରୁ ଖାତାଦେଖା, ସୂଚନା ଦେଲେ ବୋର୍ଡ ଉପସଭାପତି



ଭୁବନେଶ୍ୱର,୬।୨(ପି.ଏନ): ମାଟ୍ରିକ ପରୀକ୍ଷା ସରିବା ପରେ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହେବ ଖାତାଦେଖା। ପ୍ରାୟ ୧୩ ଦିନ ଧରି ଚାଲିବ ଏହି ଖାତାଦେଖା ପ୍ରକ୍ରିୟା। ଛାତ୍ରଛାତ୍ରୀଙ୍କ ଖାତା ମୂଲ୍ୟାଙ୍କନ ପରେ ରେଜଲ୍ଟ ବାହାରିବ ବୋଲି ବୋର୍ଡ ଉପସଭାପତି ନିହାର ମହାନ୍ତି କହିଛନ୍ତି ।ମାଟ୍ରିକ ପରୀକ୍ଷା ପୂର୍ବରୁ ବୋର୍ଡର ପ୍ରେସମିଟ। ଫେବୃଆରୀ ୨୧ ତାରିଖରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ମେଟ୍ରିକ ପରୀକ୍ଷା ଚାଲିବ ବୋଲି ବିଏସଇର ସଭାପତି ଶ୍ରୀକାନ୍ତ ତରାଇ ପ୍ରେସ ମିଟରେ ସୂଚନା ଦେଇଛନ୍ତି ।ସେ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ ମଧ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ପ୍ରଶ୍ନପତ୍ର ଭାଇରାଲ ନ ହେବା ପାଇଁ କଡା ପଦକ୍ଷେପ ନିଆଯାଇଛି। ପ୍ରତି ପ୍ରଶ୍ନପତ୍ରରେ ସିରିଏଲ୍ ନମ୍ବର ରହିବ, ଯଦି ଭାଇରାଲ ହୁଏ ଏଥିରୁ ଜଣାପଡିଯିବ।

## ୪ ଜିଲ୍ଲାରେ ଘୋଟି ରହିବ କଳା ଅନ୍ଧାର, ଏହି ଜିଲ୍ଲା ଗୁଡିକ ହେବ ଓଦା

ଭୁବନେଶ୍ୱର,୬।୨(ପି.ଏନ): ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ବର୍ଷା ସମ୍ଭାବନା । ୬ ଜିଲ୍ଲାରେ ହାଲୁକା ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ।କେନ୍ଦୁଝର, ଗଞ୍ଜାମ, ଗଜପତି, ରାୟଗଡା, ନବରଙ୍ଗପୁର, କୋରାପୁଟର କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି ।୨୪ ଘଣ୍ଟାରେ ଘନ କୁହୁଡି ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି ।

## ଟ୍ୱିନ୍ସିଟିରେ ପୁଣି ଆରମ୍ଭ ହେବ ଚେକିଂ



ଭୁବନେଶ୍ୱର,୬।୨(ପି.ଏନ): ଆସନ୍ତା ୧୦ ତାରିଖରୁ ଟ୍ୱିନ୍ସିଟିରେ ପୁଣି ଆରମ୍ଭ ହେବ ଚେକିଂ । ଚେକିଂ ପୂର୍ବରୁ ସଚେତନ କଲା କମିଶନରେଟ୍ ପୋଲିସ । ବିକଟାଳ ହର୍ଣ୍ଣ, କଳା କାଚ୍ ନ ଲଗେଇବାକୁ ତାଗିଦ୍ । ଚେକିଂ ପୂର୍ବରୁ କା? ନଅନ୍ତୁ, ଧରାପଡିଲେ ଜରିମାନା ଦେବାକୁପଡିବ । ଫେବୃଆରୀ ୧ରୁ ରାଜ୍ୟରେ ଟ୍ରାଫିକ୍ କଟକଣାରେ ପରିବର୍ତ୍ତନ କରାଯାଇଛି । ପୂର୍ବ ଅପେକ୍ଷା ନିୟମ ବଦଳାଯିବା ସହ ଦଣ୍ଡ କଠୋର କରାଯାଇଛି ।

## ପଦାକୁ ଆସିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ପ୍ରକୃତ ସତ, ବିଳମ୍ବ ହେତୁ ଲୋକେ ହଟହଟା

ଭୁବନେଶ୍ୱର,୬।୨(ପି.ଏନ): ପଦାକୁ ଆସିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ପ୍ରକୃତ ସତ । ୮୧ ପ୍ରତିଶତ ସମସ୍ୟାର ସମାଧାନ ହୋଇଛି ବୋଲି କାର୍ଯ୍ୟାଳୟ ଦର୍ଶାଉଛି । ହେଲେ ଜିଲ୍ଲାପାଳ, ଏସପିଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଚିଠି ଏହାକୁ ଭୁଲ୍ ପ୍ରତିପାଦିତ କରୁଛି । ଯାହାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ନେଇ ପ୍ରଶ୍ନ ଉଠାଇଛନ୍ତି ।ଗତ ଆଠ ମାସରେ ମାତ୍ର ଆଠ ଥର ହିଁ ବସିଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି । ଗତ ୭ ଥରରେ ଗ୍ରହଣ କରାଯାଇଥିବା ଅଭିଯୋଗ ପତ୍ର ମଧ୍ୟରୁ ୮୧ ପ୍ରତିଶତ ମାମଲାର ସମାଧାନ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବାହସ୍ଫ?ଟ ମାରୁଛି । ବାସ୍ତବ ଚିତ୍ରକୁ ପଦାରେ ପକାଇଛି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ବାରମ୍ବାର ଦେ?ଡ଼ି ସୁଦ୍ଧା ଲୋକଙ୍କୁ ନ୍ୟାୟ ମିଳୁନି । ଜିଲ୍ଲାପାଳ, ଏସପିଙ୍କ ସମେତ ବିଭିନ୍ନ ସରକାରୀ



ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲେଖିଥିବା ଏହି ଚିଠି ଅଭିଯୋଗ ଶୁଣାଣିର ଅବ୍ୟବସ୍ଥାକୁ ସ୍ପଷ୍ଟ କରି ଦେଇଛି ।ଚିଠିରେ ଲେଖାଯାଇଛି, ଅଭିଯୋଗ ଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସମୟରେ ଏହା ପରିଲକ୍ଷିତ ହୋଇଛି ଯେ ଅନେକ ଅଭିଯୋଗ ଦୀର୍ଘ ଦିନ ଧରି ବିଭିନ୍ନ ସ୍ତରରେ ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବିତ ହେଉଛି । ଫଳରେ ଅଭିଯୋଗକାରୀ ସମାନ ଅଭିଯୋଗ ନେଇ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି । ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବି ଚିଠିରେ ଉଲ୍ଲେଖ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ଅସଲ ଚିତ୍ର ଆସିବା ପରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ । କେବଳ ଶୁଣାଣି କଲେ ହେବନି, ସମସ୍ୟାର ସମାଧାନ କରିବାକୁ ବିଜେଡି ପ୍ରସ୍ତାବ ଦେଇଛି । କଂଗ୍ରେସ ଅଭିଯୋଗ କରିଛି, ପ୍ରଶାସନ ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁ ନଥିବାରୁ ଏହି ସମସ୍ୟା ଉପୁଜୁଛି ।ସମସ୍ୟା ସମାଧାନରେ ଅବ୍ୟବସ୍ଥାକୁ ପଞ୍ଚାୟତିରାଜ ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି । ବ୍ୟବସ୍ଥିତ ଢାଞ୍ଚା ପାଇଁ ଆହୁରି ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ସେ ସଫେଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ଅଭିଯୋଗ ଶୁଣୁଛନ୍ତି । ଏ କଥାକୁ ବିଶ୍ୱାସ କରି ସମସ୍ତେ ଧାଉଁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ । ହେଲେ ଏହାକୁ ରାଜନେ?ତିକ ମଞ୍ଚ ଭାବେ ସଜାଯାଉଥିବା ଅଭିଯୋଗ ହେଉଛି ।

## ଏକାଧିକ ଆଶାୟୀ ଥିବାରୁ ଛିଣ୍ଡୁନି ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ଅଙ୍କ

ପୁରୀ୬।୨(ପି.ଏନ):ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ନେଇ ଛିଣ୍ଡୁନି ଅଙ୍କ । ବିନା କମିଟି ଗଠନରେ ମାସ ମାସ ଥରି ଚାଲିଛି କାମ । ଫଳରେ ଶ୍ରୀମନ୍ଦିରକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଟକି ରହିଥିବାବେଳେ କେବେ ନୂତନ କମିଟି ଗଠନ ହେବ ସେ ନେଇ ସବୁ ମହଲରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ କମିଟି ଗଠନକୁ ନେଇ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ଥିବାରୁ ଏଥିରେ ବିଳମ୍ବ ହେଉଥିବା କୁହାଯାଇଛି । ମାମଲାର ସମାଧାନ ପରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।ଗତବର୍ଷ ରଥଯାତ୍ରା ପରେ ଅଗଷ୍ଟ ମାସରେ ଶେଷ ଥର ପାଇଁ ବସିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ । ଏହାପରେ ନୂତନ ପରିଚାଳନା କମିଟି ବୈଠକ ଗଠନ ହେବା କଥା । ମାତ୍ର ମାସ ମାସ ବିତି ଯାଇଥିଲେ ବି ବାହାରୁନି ନିଷ୍କର୍ଷ । ନୂଆ ସରକାର ଆସିବା ପରେ କମିଟିରେ ସଦସ୍ୟ ପଦବୀକୁ ନେଇ ବହୁ ଆଶାୟୀ ଥିବାରୁ ଅଙ୍କ ଛିଡୁ ନଥିବା ବୁଦ୍ଧିଜୀବୀ ମତ ଦେଇଛନ୍ତି ।

## ଆହାର କେନ୍ଦ୍ରରେ ପାଣିଚିଆ ଡାଲମା, ତହସିଲଦାରଙ୍କ ଚଢ଼ାଉ ପରେ ଖୋଲିଲା ଗୁମର

ବଲାଙ୍ଗିର: ଆହାର ନାଁରେ ଭୂଆଁବୁଲୁଛନ୍ତି ଗରିବ ଲୋକ । ମାତ୍ର ୫ଟଙ୍କାରେ ପେଟ ପୁରା ଖାଦ୍ୟ ଯୋଗାଇଦେବା ପାଇଁ ସହରାଞ୍ଚଳରେ ଆହାର କେନ୍ଦ୍ର ଖୋଲିଛନ୍ତି ସରକାର। କିନ୍ତୁ ଖାଦ୍ୟର ମାନକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ତୁଷୁରା ସହରରେ ।



ଭୂତ ଖାଉଛି ଆହାର: ରାଜ୍ୟ ହାଉସିଂ ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବା ଏହି ଆହାର କେନ୍ଦ୍ରରେ ଲୋକ ବଦଳରେ ଭୂତ ଖାଉଛି ଆହାର ।ଶହେ ଜଣ ଖାଇଲେ ତିନି ସହ ଜଣଙ୍କ କଟୁଛି ଟୋକନ୍ । ପ୍ରତି ଦିନ ତିନି ଶହ ଲୋକଙ୍କ ନାଁରେ ବିଲ୍ ହେଉଥିବା ବେଳେ ଖାଉଛନ୍ତି ୮୦/୧୦୦ ଜଣ। ଏକଥା ଆମେ କହୁନୁ ଖୋଦ୍ ତୁଷୁରା ତାହସିଲଦାର ଆର୍ତ୍ତତ୍ରାଣ ଥାଟି ଅଚାନକ ଭାବରେ ଚଢାଉ କରି ଦେଖିବାକୁ ପାଇଛନ୍ତି ।

ଆହାର କେନ୍ଦ୍ରରେ ଚଢ଼ାଉ: ସହର ଭିତରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପଛ ପଟରେ ରହିଛି ଆହାର କେନ୍ଦ୍ର । ଗତ ମଙ୍ଗଳବାର ନୂତନ ଭାବେ ଏନଏସି ଦାୟିତ୍ୱ ନେଇଥିବା ତୁଷୁରା ତହସିଲଦାର ଆର୍ତ୍ତତ୍ରାଣ ଥାଟି ଏନ୍‌ଏସିର ଏକ ଟିମ ସହ ତୁଷୁରା ଡାକ୍ତରଖାନା ପରିସରରେ ଥିବା ତୁଷୁରା ଆହାର କେନ୍ଦ୍ରରେ ଚଢାଉ କରିଥିଲେ। ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖିବା ପରେ ନିଜେ ଖାଦ୍ୟର ମାନ ଯାଞ୍ଚ ପାଇଁ ଲୋକଙ୍କ ସହ ବସି ଆହାର ଖାଇଥିଲେ।

ପାଣିଚିଆ ଡାଲି: ତହସିଲଦାର ଖାଦ୍ୟର ମାନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଡାଲି ପାଣିଚିଆ ରହିଛି ଏବଂ ଖାଦ୍ୟ ନିମ୍ନ ମାନର ହୋଇଥିବା ସେ କହିଥିଲେ ।

ଏହି ଆହାର କେନ୍ଦ୍ରକୁ ଟିଟିଲାଗଡ଼ ରୁ ପ୍ରତି ଦିନ ଦୁଇଟି ଛୋଟ ଡ୍ରମରେ ଭାତ ଓ ଡାଲମା ଆସୁଛି ତାହା ପୁଣି ତିନି ଶହ ଲୋକଙ୍କ ପାଇଁ କିନ୍ତୁ ସେଥିରେ ମଧ ବ୍ୟାପକ ଠକେଇ ହେଉଥିବା ଦେଖିବାକୁ ମିଳିଥିଲା ।କେବଳ ଦୁଇଟି ଛୋଟ ଡ୍ରମରେ ଖାଦ୍ୟ ଥିବା ବେଳେ ଏହା କେତେ ଜଣଙ୍କ ପାଇଁ ଆସିଛି ବୋଲି ପ୍ରଶ୍ନ କରିଥିଲେ ତହସିଲଦାର । କିନ୍ତୁ କୌଣସି ସାନ୍ତୋଷଜନକ ଉତ୍ତର ପାଇନଥିଲେ ।ଟିକେଟ୍ ଯାଞ୍ଚ: ଆହାର କେନ୍ଦ୍ରରେ ବେଆଇନ୍ ଭାବେ ଟିକଟେ୍ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ ତହସିଲଦାର ।

## ବଜେଟ ଅଧିବେଶନ ସୁରୁଖୁରୁରେ ସାରିବାକୁ ବାଚସ୍ପତି ଡାକିଲେ ସବର୍ଦଳୀୟ ବୈଠକ

ଭୁବନେଶ୍ୱର,୬।୨(ପି.ଏନ): ବିଧାନସଭାର ବଜେଟ ଅଧିବେଶନକୁ ସରୁଖୁରୁରେ ଶେଷ କରିବାକୁ ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ । ୧୨ ତାରିଖରେ ସର୍ବଦଳୀୟ ବୈଠକରେ ସବୁ ଦଳର ସହଯୋଗ ଲୋଡିବେ ବାଚସ୍ପତି ସୁରମା ପାଢ଼ୀ । ଲମ୍ବା ସମୟର ବଜେଟ ଅଧିବେଶନ ପାଇଁ ଉଭୟ ବିଜେପି ଓ ବିଜେଡି ସେହି ଦିନ ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିବେ । ୭ ମାସର ବିଜେପି ସରକାରର ବିଫଳତାକୁ ଗୃହରେ ଉଠାଇ ଘେରିବେ ବିରୋଧୀ । ଅନ୍ୟପଟେ ଶାସକ ବିଜେପି କହିଛି ବିରୋଧୀଙ୍କୁ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ଦଳ ।ଫେବୃଆରୀ ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ । ଲମ୍ବା ସମୟର ବଜେଟ୍ ଅଧିବେଶନକୁ ସୁରୁଖୁରୁରେ ଶେଷ କରିବାକୁ ବାଚସ୍ପତି ଡାକିଛନ୍ତି ସର୍ବଦଳୀୟ ବୈଠକ । ଫେବୃଆରୀ ୧୨ ତାରିଖ ଦିନ ୧୧ଟାରେ ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ବିଧାନସଭାରେ ବସିବ ସର୍ବଦଳୀୟ ବୈଠକ । ଶାସକ ଓ ବିରୋଧୀ ମତାମତ ଦେବା ସହ ଗୃହ ପରିଚାଳନାର ଦିଗ ସ୍ଥିର ହେବ । କାହାକୁ କେଉଁ କାର୍ଯ୍ୟସୂଚୀରେ କେତେ ସମୟ ମିଳିବ ତାହା ସ୍ଥିର କରାଯିବ ।୨୮ଟି କାର୍ଯ୍ୟ ଦିବସ ଥିବା ବିଧାନସଭା ଅଧିବେଶନରେ ଶାସକ ବିଜେପିକୁ ଘେରିବାକୁ ୧୨ ତାରିଖରେ ବସିବ ବିଜେଡି ବିଧାୟକ ଦଳ ବୈଠକ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକରେ ପ୍ରସ୍ତୁତ ହେବ ରଣନୀତି । ୭ ମାସର ବିଜେପି ସରକାରର ଗୋଟିଏ ପରେ ଗୋଟିଏ ବିଫଳତାକୁ ଗୃହରେ ଉଠାଇ ପ୍ରଶ୍ନ କରିବ ବିଜେଡି କ୍ଷ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଓଡିଶାବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇବାରେ ସରକାର ଫେଲ ମାରିବା, ନିର୍ବାଚନୀ ପ୍ରତିଶ୍ରୁତି ପାଳନ ନକରିବା, ଧାନ ମଣ୍ଡିରେ କଟନି ଛଟନି ସହ ବଜେଟ ଅର୍ଥକୁ ସରକାର ଖର୍ଚ୍ଚ କରିନପାରିବାକୁ ନେଇ ଲୋକଙ୍କ ସ୍ୱର ସାଜି ଗୃହରେ ଶାସକ ଦଳକୁ ଘେରିବ ବିଜେଡି । ସୁପ୍ରିମୋ ନବୀନ ପଟ୍ଟନାୟକ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ ବିଧାୟକମାନେ ଗୃହରେ ସ୍ୱରକୁ ଶାଣିତ କରିବେ । ଅନ୍ୟପଟେ କଂଗ୍ରେସ ମଧ ବିଜେପି ସରକାରର ଲମ୍ବା ବିଫଳତାକୁ ଗୃହରେ ଉଠାଇବାକୁ ପ୍ରସ୍ତୁତ କରିଛି ଯୋଜନା ।ଲମ୍ବା ସମୟର ବଜେଟ ଅଧିବେଶନ ପାଇଁ ବିରୋଧୀଙ୍କ ହାତରେ ମାଳ ମାଳ ପ୍ରସଙ୍ଗ ଥିବାରୁ ଚିନ୍ତାରେ ପଡିଛି ଶାସକ ଦଳ । ବିରୋଧୀଙ୍କ ପ୍ରଶ୍ନର କିପରି ଉତ୍ତର ଦିଆଯିବ । ସେଥିପାଇଁ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ବସିବ ବିଜେପି ବିଧାୟକ ଦଳ ବୈଠକ । ବିଜେଟ ଅର୍ଥ ଖର୍ଚ୍ଚ ହୋଇ ପାରୁ ନଥିବା ବିଜେଡି ଅଭିଯୋଗ କରିବା ପରେ, ବିଜେପି କହିଛି ବିଭିନ୍ନ ଯୋଜନା ମାଧ୍ୟମରେ ଗାଁରେ ଅର୍ଥ ଖର୍ଚ୍ଚ କରିବାକୁ ସରକାର ପ୍ରସ୍ତୁତ ହୋଇଛନ୍ତି । ତେବେ ବିରୋଧୀ ଯେଉଁସବୁ ପ୍ରସଙ୍ଗ ଉଠାଇବେ ତାହାକୁ ସାମ୍ନା କରିବାକୁ ଦଳ ପ୍ରସ୍ତୁତ ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି ।୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ଫେବୃଆରୀ ୧୭ ତାରିଖରେ ଗୃହରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ ହେବ । ଅଧିବେଶନ ପୂର୍ବରୁ ବାଚସ୍ପତିଙ୍କ ଶୃଙ୍ଖଳା ଚାର୍ଟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିବାରୁ ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଆଭିମୁଖ୍ୟ କ'ଣ ରହୁଛି ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ।










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଗଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,



ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ



ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଚିକିତ୍ସା ବିଜ୍ଞାନରେ ଗୁଡ଼ର ଆବଶ୍ୟକତା

**ଆ**ଜିର କରୋନା ମହାବିଭୀଷିକା ସମୟରେ ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ଓ ଶରୀରରେ ରକ୍ତ ବୃଦ୍ଧି ସହ ଶାରୀରିକ ପ୍ରତିପୋଷଣ ନିମିତ୍ତ ଗୁଡ଼କୁ ବେଶୀ ଆଦର କରୁଛନ୍ତି । ଗତବର୍ଷ ଠାରୁ କରୋନା ଦେଖାଯିବା ପୂର୍ବରୁ ଗୁଡ଼ର ବ୍ୟବହାର ଓ ବିକ୍ରିବଟା ସେତେଟା ରହିନଥିଲା କିନ୍ତୁ ଏହି କରୋନା ହିଁ ଗୁଡ଼ର ବ୍ୟବହାରକୁ ଦେଖାଇଦେଲା । ବିଭିନ୍ନ ରୋଗରେ ଗୁଡ଼ର ପ୍ରୟୋଗ ରହିଛି । ଧରନ୍ତୁ ଜଣେ ଭଦ୍ରବ୍ୟକ୍ତିଙ୍କର ପାକସ୍ଥଳୀରେ ଗୋଟିଏ ମାଂସ ବୃଦ୍ଧି ହେଲା । ହୃତ୍ପିଣ୍ଡର ପରଦା ସବୁ କଠିନ ହୋଇଗଲା, ଶ୍ୱାସ ଯନ୍ତ୍ରର ନଳୀସବୁ ରୁଦ୍ଧ ହୋଇଗଲା । ଅଜୀର୍ଣ୍ଣ ହେଲା, ଝାଡ଼ା ସଫା ନାହିଁ । ଦାନ୍ତ ମାଢ଼ି ପାଚିଲା, ମୁଣ୍ଡରେ ପାଣି ଜମିବା ଓ ସ୍ନାୟୁ ବିଭାଗ ଦୁର୍ବଳ ହୋଇଗଲା, ଓଜନ କମି ଆସିଲା ଓ କେଶ ପାଚି ଧଳା ପଡ଼ିଗଲା । ବିଶେଷଜ୍ଞମାନଙ୍କ ମଧ୍ୟରୁ ପରାମର୍ଶ କ୍ରମେ ଔଷଧ ଖାଇ ମଧ୍ୟ ବିଶେଷ ଫଳ ମିଳି ନଥିଲା । ସେ ତାଙ୍କର ଜଣେ ପଡ଼ୋଶୀ ଠାରୁ ଡାକ୍ତର ସିରିଲ ସ୍କଟଙ୍କ ଗୁଡ଼ ଚିକିତ୍ସା ଶୁଣିବାକୁ ପାଇ ସେହି ଚିକିତ୍ସାର ଆଶ୍ରୟ ନେଲେ । କିଛିଦିନ ପରେ ତାଙ୍କ ପାକସ୍ଥଳୀରେ ହୋଇଥିବା ମାଂସବୃଦ୍ଧି ମିଳାଇ ଯିବା ସଙ୍ଗେ ସଙ୍ଗେ ତାଙ୍କର ଧଳା କେଶ କଳା ପଡ଼ିଯାଇଥିଲା । ସେହିପରି ଜରାୟୁରେ ମାଂସବୃଦ୍ଧି, ସ୍ତନରେ ମାଂସବୃଦ୍ଧି, ପାକସ୍ଥଳୀରେ ମାଂସବୃଦ୍ଧି, ଜିହ୍ୱାରେ ମାଂସବୃଦ୍ଧି ଇତ୍ୟାଦି । ମାଂସବୃଦ୍ଧିରେ ଘା' ହୋଇଥିଲେ ମଧ୍ୟ ଗୁଡ଼ ଚିକିତ୍ସାରେ ଆରୋଗ୍ୟ ଲାଭ କରିଥିବାର ଦେଖାଯାଇଛି । ଅନେକ ହୁଏତ ଜାଣିନାହାଁନ୍ତି ଆଣ୍ଠୁ ଗଣ୍ଠି ବାତ ଓ କ୍ୟାନସର ପ୍ରାୟ ଏହି କାରଣରୁ ହୋଇଥାଏ । ଶରୀରରେ ପୋଟାସିୟମ ଲବଣର ଅଭାବ କ୍ୟାନସରର ମୁଖ୍ୟ କାରଣ । ମାଟିତଳେ ଯାଇଥିବା ଝରଣା ବା ଡ୍ରେନ ଉପରେ ବାସ କଲେ ବା ମାଟିତଳେ ଯାଇଥିବା ଦୁଇଟି ଜଳସ୍ରୋତ ପରସ୍ପରକୁ କାଟି ଥିବା ଛକ ଉପରେ ବାସକଲେ, ବାସ କରୁଥିବା ଅଧିବାସୀ ମାନଙ୍କୁ କ୍ୟାନସର ହେବାର ସମ୍ଭାବନା ଥାଏ । ପୋଟାସିୟମ ଲବଣ ରକ୍ତରେ ମିଳିବା ଭଳି ଅବସ୍ଥାରେ ଖାଇବାକୁ ଦେଇ କ୍ୟାନସର ରୋଗୀକୁ ଆରୋଗ୍ୟ କରିଥିବା କଥା ଡାକ୍ତର ଫୋର୍ବସ ରସ୍ ଦର୍ଶାଇଛନ୍ତି । ଗୁଡ଼ରେ ପ୍ରଚୁର ପରିମାଣରେ ପୋଟାସିୟମ ଥିବାରୁ କ୍ୟାନସର ରୋଗଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଗୁଡ଼ ଖାଇବାକୁ ଦେବା ଉଚିତ । ଆଉ ଗୋଟିଏ କ୍ଷେତ୍ରରେ ଦେଖନ୍ତୁ, ଦୁଶ୍ଚିନ୍ତା ଆଣ୍ଠୁଗଣ୍ଠି ରୋଗ ପ୍ରତି କ୍ଷତିକାରକ । ଥରେ ଆରୋଗ୍ୟ ଲାଭ କଲାପରେ ଚିନ୍ତାଗ୍ରସ୍ତ ହେଲେ ଏହି ରୋଗ ପୁଣି ଆକ୍ରମଣ କରିବାର ଦେଖାଯାଏ । ଶରୀରରେ ଥିବା ପୋଟାସିୟମ ଲବଣ ଚିନ୍ତା ଯୋଗୁଁ କ୍ଷୟ ହୋଇଥାଏ । ଆଖୁରୁ ପ୍ରସ୍ତୁତ ଗୁଡ଼ରେ ଅନ୍ୟାନ୍ୟ ଫୁସ୍‌ଫେଟ ସହ ପ୍ରଚୁର ଲୌହ । ଏଥିରେ ପୋଟାସିୟମ ମଧ୍ୟ ଥାଏ । ଗୁଡ଼ରେ ଥିବା ଲୌହ ରକ୍ତରେ ଦହନ କ୍ରିୟାରେ ସାହାଯ୍ୟ କରିଥାଏ । ଚର୍ମ ରୋଗରେ ଗୁଡ଼ ଚିକିତ୍ସା ବିଶେଷ ଫଳପ୍ରଦ । ଉଦାହରଣ ବଶତଃ ଭଦ୍ର ବ୍ୟକ୍ତିଙ୍କର ହାତ ଦୁଇଟି ଫୁଲିଯାଇ ନାଲି ଦେଖା ଯାଉଥିଲା । ସେ ଗୁଡ଼ ପାଣିରେ ଦୈନିକ କିଛିଦିନ ଧରି ହାତ ବୁଡ଼ାଇବା ଫଳରେ ଆରୋଗ୍ୟ ଲାଭ କଲେ । ସ୍ଥାୟୀ ଆରୋଗ୍ୟ ପାଇଁ ଚର୍ମ-ରୋଗ-ଗ୍ରସ୍ତ ବ୍ୟକ୍ତି ଆକ୍ରାନ୍ତ ସ୍ଥାନକୁ ଗୁଡ଼ ପାଣିରେ ଧୋଇବା ସଙ୍ଗେ ସଙ୍ଗେ ଦୈନିକ ଗୁଡ଼ ଖାଇବା ଉଚିତ । ଆଜିର ସମୟ ଦେଖନ୍ତୁ, କୋଷ୍ଠ କାଠିନ୍ୟ ଆଜିକାଲି ସମାଜର ଏକ ମୁଖ୍ୟ ରୋଗ । ଅସାର ଖାଦ୍ୟ ଭକ୍ଷଣ, ଯାନବାହାନ ଚଳାଚଳ ଯୋଗୁଁ ବ୍ୟାୟାମର ଅଭାବ କୋଷ୍ଠ କାଠିନ୍ୟର ମୁଖ୍ୟ କାରଣ । ଝାଡ଼ା ସଫା କରିବା ପାଇଁ ଆଜିକାଲି ଅନେକ ଔଷଧ ବାହାରିଲାଣି । ସେଗୁଡ଼ିକ ସାମୟିକ ବ୍ୟବହାର ଫଳରେ ପରିପାକ ଯନ୍ତ୍ର ସ୍ୱତଃ କାର୍ଯ୍ୟକ୍ଷମ ଶକ୍ତି ହରାଏ । ଫଳରେ ହଜମ କ୍ରିୟାରେ ବ୍ୟାଘାତ ସୃଷ୍ଟି ହୋଇ କୋଷ୍ଠ କାଠିନ୍ୟ ଦେଖାଦିଏ । ଧଳା ରୁଟି, ସିଝାମାଂସ ଓ ସିଝା ପରିବାରେ ଶରୀର ପାଇଁ ଉପଯୋଗୀ ଲବଣ ନଷ୍ଟ ହୋଇଯାଇଥାଏ । ଗୁଡ଼ ଖାଇବା ଫଳରେ ଗୁଡ଼ରେ ଥିବା ଲବଣ ପରିପାକ ଯନ୍ତ୍ରର ମାଂସପେଶୀକୁ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ଏଥିରେ ଥିବା ଲକ୍ଷଣ ହଜମକ୍ରିୟାରେ ସାହାଯ୍ୟ କରିଥାଏ । ପିତ୍ତ ମୁଣ୍ଡାରେ ପଥୁରିରେ ଗୁଡ଼ ଚିକିତ୍ସା ମଧ୍ୟ କାର୍ଯ୍ୟ କରିଥାଏ । ସକାଳେ ସନ୍ଧ୍ୟାରେ ଗୁଡ଼ ଖାଇବା ବ୍ୟତୀତ ଦିନକୁ ୩ ବା ୪ ଚାମଚ ଅଲିଭ ତେଲ ଖାଇବା ଉଚିତ । ପଥୁରୀ ନ ହେବା ପାଇଁ ଦୈନିକ ଖାଦ୍ୟ ସହିତ ଗୁଡ଼ ଖାଇବା ଉଚିତ । ଚିନି ଖାଇବା ଫଳରେ ଅମ୍ଳ ସୃଷ୍ଟି ହୋଇଥାଏ । ଏହି ଅମ୍ଳ ଆଣ୍ଠୁଗଣ୍ଠି ବାତର ଏକ ମୁଖ୍ୟ କାରଣ । ଚିନି ମଧ୍ୟ ଦାନ୍ତର ଅନିଷ୍ଟ କରିଥାଏ । ସେଥିପାଇଁ ଦନ୍ତକ୍ଷୟ (ଦାନ୍ତ ପୋକ ଖାଇବା) ରୋଗୀକୁ ଡାକ୍ତର ଚିନି କିମ୍ବା ମିଠା ଖାଇବାକୁ ମନା କରନ୍ତି । ଗୁଡ଼ ଚିନିର ବିପରୀତ ବ୍ୟବହାର ପ୍ରଦର୍ଶନ କରିଥାଏ । ଗୁଡ଼ ଖାଇବା ଫଳରେ ଆଣ୍ଠୁଗଣ୍ଠି ବାତ ଆରୋଗ୍ୟ ହେବା ସଙ୍ଗେ ସଙ୍ଗେ ଦାନ୍ତକୁ ମଧ୍ୟ ରକ୍ଷା କରିଥାଏ । ଗୁଡ଼ରେ ଜୀବାଣୁ ନାଶକ ଧର୍ମ ଥିବାରୁ ଏଥିରେ ଜୀବାଣୁ ରହିପାରନ୍ତି ନାହିଁ । ଏତଦ୍‌ବ୍ୟତୀତ ଗୁଡ଼ ପାକସ୍ଥଳୀ ବା ଅନ୍ତନାଳୀରେ ଥିବା କ୍ଷତିକାରକ ଜୀବାଣୁ ମାନଙ୍କୁ ମାରି ଦେଇଥାଏ । ଟିକାନେବା ଫଳରେ ଯେପରି ବସନ୍ତ, ଆନ୍ତ୍ରିକଜର, କଣ୍ଠ ଆଳତି ପ୍ରଭୃତି ପ୍ରତିରୋଧ କରାଯାଇପାରେ, ଗୁଡ଼ ଖାଇବା ଫଳରେ ସେହିପରି ଏସବୁକୁ ପ୍ରତିରୋଧ କରାଯାଇପାରେ । ଏତଦ୍ ବ୍ୟତୀତ ଗୁଡ଼ ଖାଉଥିବା ବ୍ୟକ୍ତିଙ୍କୁ ସହଜରେ ଅନ୍ୟାନ୍ୟ ରୋଗ ଧରେ ନାହିଁ । ଗୁଡ଼ରେ ଥିବା ଖାଦ୍ୟ ପ୍ରାଣ ଓ ଅନ୍ୟାନ୍ୟ ଧାତବ ଲବଣ ରକ୍ତରେ ମିଶିବା ଫଳରେ ଶରୀର ସୁସ୍ଥ ରହିବା ଯୋଗୁଁ ଏପରି ସମ୍ଭବ ହୋଇଥାଏ । ଦୀର୍ଘଦିନ ବାଗୀ, ହୃଦ୍‌ଯନ୍ତ୍ର ବନ୍ଦ କିମ୍ବା କର୍କଟ ରୋଗରେ ପଡ଼ିଥିବା ବ୍ୟକ୍ତିଙ୍କୁ ଯଦି ନିର୍ଦ୍ଦିଷ୍ଟ ପରିମାଣ ଗୁଡ଼ ଖାଇବାକୁ ଦିଆଯାଏ ତେବେ ତାର ଧଳା ପଡ଼ିଯାଇଥିବା କେଶ ଗୁଡ଼ିକ ପ୍ରଥମେ କଳା ପଡ଼ିଯିବାର ଦେଖାଯାଏ । ମୁଣ୍ଡର ସାମନା ଦୁଇପଟ ଓ ପଶ୍ଚାତ ଭାଗର କେଶ ଶୀଘ୍ର କଳା ପଡ଼ିବାର ଦେଖାଯାଏ । ଥଣ୍ଡା ଜଳ ପାକସ୍ଥଳିକୁ ଶୀତଳ କରିବା ସଙ୍ଗେ ମୂତ୍ର ଯନ୍ତ୍ରର କ୍ଷତି ସାଧନ କରିଥାଏ । ବୟସ ନିର୍ବିଶେଷରେ ଯେ କେହି ବ୍ୟକ୍ତି ଗୁଡ଼କୁ କ୍ଷୀର ସହିତ ଖାଇପାରେ । ଏହାକୁ ଯେ କୌଣସି ଖାଦ୍ୟ ଓ ଜଳଖିଆ ସହିତ ଖିଆ ଯାଇପାରେ । ଅନ୍ତନାଳୀରେ ମାଂସବୃଦ୍ଧିରେ ବା ବୃହଦନ୍ତ୍ରର ପ୍ରଦାହ ବା ଘାରେ ଗୁଡ଼ ପାଣିକୁ ଡୁସ ରୂପେ ବ୍ୟବହାର କରାଯାଇପାରେ । ବାହ୍ୟ ମାଂସବୃଦ୍ଧିରେ ଘାରେ ବା କ୍ଷତରେ ଗୁଡ଼ ଖାଇବା ସଙ୍ଗେ ସଙ୍ଗେ ଗୁଡ଼ ପାଣିକୁ ପଟିରେ ବ୍ୟବହାର କରାଯାଇପାରେ । ମଲମ ରୂପେ ଗୁଡ଼ର ସମକକ୍ଷ ଅନ୍ୟ କୌଣସି ପଦାର୍ଥ ନାହିଁ । କଳା ଦାନା ବାନ୍ଧି ନ ଥିବା ବହଳିଆ ଗୁଡ଼ ଏ ପ୍ରକାର ଗୁଡ଼ ଆଖୁ ରସରୁ ଅମଳ ବେଳେ ମିଳିଥାଏ । ଗୁଡ଼କୁ ନେଇ ଏବେ ବି ବିଜ୍ଞାନ ଜଗତ ଓ ଚିକିତ୍ସା ବିଜ୍ଞାନ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଜାରି ରଖିଛି ।

**ଡାକ୍ତର ନଟବର ନାୟକ**
*ତିଳୋତ୍ତମା ହୋମିଓ ହାଉସ୍, ଜଗତସିଂହପୁର,*
*ମୋବାଇଲ : ୯୪୩୭୨୨୯୬୦୧*

# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ



**ଭା**ରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ତା'ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ । ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତ ବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ "ଶବରୀ ନାରାୟଣ ଧାମ"କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ ସମ୍ବତ ୧୯୨୭ ମସିହାରେ ମହନ୍ତ ଅର୍ଜ୍ଜୁନ ଦାସଙ୍କ ପ୍ରେରଣାରେ ଭଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ । ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୁରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ "ପ୍ରଳୟ"ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ । ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିୟା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ "ଶବରୀ ନାରାୟଣ"ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୁଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା । ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି ।




ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୁଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀନ କାଳରୁ ଏହି ରଥଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି । ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି । ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି । ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । ***"ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ପାବେ ପଦନିର୍ବାଣ ।"*** ଅର୍ଥାତ, "ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ" । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି –***"ଦୋଳେଚ ଦୋଳ ଗୋବିନ୍ଦ/ଚପେଚ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ପୁର୍ନଜନ୍ମ ନବିଦ୍ୟତେ ।"*** ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁର୍ନଜନ୍ମ ନଥାଏ । ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୂର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁ ଠାରେ ଗଢ଼ି ଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ । ... କିମଧିକମ୍ ।

# ସ୍ତ୍ରୀର ସୁଲଭ ଗୁଣ

**ସ୍ତ୍ରୀ**ଲୋକମାନେ ବହୁ ପ୍ରକାର ଗୁଣରେ ଅଳଙ୍କୃତ । ଆତ୍ମ ନିୟନ୍ତ୍ରଣରେ ପୁରୁଷମାନେ ମହିଳାମାନଙ୍କର ସମକକ୍ଷ ହୋଇପାରିବେ ନାହିଁ । ପୁରୁଷ ମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର କରାଇବା ପାଇଁ ମହିଳାମାନେ ହିଁ ସର୍ବଶ୍ରେଷ୍ଠ ଆଦର୍ଶ । ନିର୍ମଳ, ନିଃସ୍ୱାର୍ଥ ପ୍ରେମ ସେମାନଙ୍କର ଜନ୍ମଗତ । ଜ୍ଞାନୀ, ସଂସ୍କାର ସମ୍ପନ୍ନା, ସ୍ନେହମୟୀ ଓ ଧର୍ମପରାୟଣା ମହିଳମାନେ ଜଣେ ଜଣେ ଲକ୍ଷ୍ମୀ । ସେମାନଙ୍କ ପାଇଁ ଘରେ ଆନନ୍ଦ ଓ ସୌଭାଗ୍ୟ ବିରାଜେ । ଯେଉଁ ଘରେ ସ୍ୱାମୀ ସ୍ତ୍ରୀ ଉଭୟେ ପବିତ୍ର ପ୍ରେମ ପାଶରେ ବାନ୍ଧି ହୋଇ ଆତ୍ମୋନ୍ନତି ପାଇଁ ସ୍ୱାଧ୍ୟାୟରତ ଏବଂ ପ୍ରଭୁଙ୍କ ମହିମା ଓ ନାମ କୀର୍ତ୍ତନ କରୁଥାନ୍ତି ସେ ଘରେ ପ୍ରକୃତରେ ବୈକୁଣ୍ଠ । ଯେଉଁଠାରେ ସ୍ତ୍ରୀ ପବିତ୍ର ପ୍ରେମସହ ସ୍ୱାମୀ ସହିତ ବନ୍ଧା, ତାହାକୁ ଯେ କୌଣସି ଦୁର୍ଲଭ ପୁଷ୍ପର ସୌରଭ ସହିତ ତୁଳନା କରାଯାଇପାରିବ । ଗୋଟିଏ ଅମୂଲ୍ୟ ରତ୍ନ ସଦୃଶ ସେ ପରିବାରର ଶୋଭା ଉଜ୍ଜ୍ୱଳ କରିପାରିବ । ଏତାଦୃଶ ଗୁଣବତୀ ସ୍ତ୍ରୀ ପ୍ରକୃତରେ ଗୋଟିଏ ଅତି ମୂଲ୍ୟବାନ ଅଳଙ୍କାର ।

ସତୀତ୍ୱ ମହିଳାମାନଙ୍କର ଏକ ମହାନ ଆଦର୍ଶ । ସେଥିରୁ ଉତ୍ପନ୍ନ ଶକ୍ତିରୁ ସେମାନେ ସମସ୍ତ କିଛି ହାସଲ କରିପାରିବେ । ସେହି ଶକ୍ତି ଦ୍ୱାରା ସାବିତ୍ରୀ, ଯମ ଦେବତାଙ୍କ ସହ ସଂଗ୍ରାମ କରି ତାଙ୍କ ମୃତ ପତିଙ୍କୁ ବଞ୍ଚାଇବାକୁ ସମର୍ଥ ହୋଇଥିଲେ । ଅତ୍ରି ମୁନିଙ୍କ ପତ୍ନୀ ଓ ଦତ୍ତାତ୍ରେୟଙ୍କ ମା'ଅନୁସୂୟା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନବଜାତ ଶିଶୁରେ ପରିଣତ କରି ଦେଇଥିଲେ । ନାରାୟଣୀ ତାଙ୍କ କୁଷ୍ଠାକ୍ରାନ୍ତ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ସତୀତ୍ୱର ରହସ୍ୟମୟ ଶକ୍ତି ବଳରେ ସୂର୍ଯ୍ୟଙ୍କର ଗତିରୋଧ କରିଦେଇ ପାରିଥିଲେ । ସତୀତ୍ୱ ପାଇଁ ମହିଳାମାନଙ୍କୁ ମହୀୟସୀ ବୋଲି ଆଖ୍ୟା ଦିଆଯାଇଛି । ଏହାର ମର୍ଯ୍ୟାଦା ଅବର୍ଣ୍ଣନୀୟ । ଏହା ତାଙ୍କ ମାନଙ୍କ ପ୍ରାଣବାୟୁ ସଦୃଶ । ଏହି ସତୀତ୍ୱର ଅସୀମ ଶକ୍ତି ବଳରେ ସେମାନେ ତାଙ୍କ ସ୍ୱାମୀଙ୍କୁ ଯେ କୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରିଦେଇପାରନ୍ତି । ଏହି ଅତୁଳନୀୟ ଶକ୍ତି ବଳରେ ସେମାନେ ନିଜକୁ ରକ୍ଷା କରନ୍ତି ଓ ପରିଶେଷରେ ନିଃସନ୍ଦେହରେ ସ୍ୱର୍ଗରେ ସ୍ଥାନ ପାଆନ୍ତି ।

ଦମୟନ୍ତୀଙ୍କ ଭାଷାର ଏଭଳି ଶକ୍ତି ଥିଲା ଯେ ବଣରେ ଜଣେ ଶିକାରୀ ତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବାକୁ ଉଦ୍ୟତ ହୁଅନ୍ତେ ସେ ତାକୁ ଭସ୍ମ କରି ଦେଇଥିଲେ । ଭାଗ୍ୟରେ ନିର୍ଦ୍ଦୟ କରାଘାତରେ କବଳିତ ହୋଇ ରାଜା ନଳ ତାଙ୍କୁ ଛାଡ଼ି ଚାଲି ଯାଇଥିବା ସମୟରେ ଦମୟନ୍ତୀଙ୍କୁ ଜଙ୍ଗଲରେ ଏକାକିନୀ ଜୀବନ କଟାଇବାକୁ ପଡ଼ିଥିଲା । ବିନମ୍ରତା ଓ ଶିଷ୍ଟାଚାର ମହିଳାମାନଙ୍କ ପକ୍ଷେ ଅତ୍ୟନ୍ତତ ପ୍ରୟୋଜନ । ଶିଷ୍ଟାଚାରର ସୀମା ଅତିକ୍ରମ କରିବା ମହିଳମାନଙ୍କ ପକ୍ଷେ ଅଧର୍ମ । ସୀମା ବାହାରକୁ ଯାଇ ସେମାନେ ବହୁ ଦୁର୍ଦ୍ଦଶା ନିମନ୍ତ୍ରଣ କରିଥାନ୍ତି । ନାରୀତ୍ୱର ମର୍ଯ୍ୟାଦା କାହିଁକି କ୍ଷୁର୍ଣ୍ଣ ହେବ ? ଜଣେ ସମ୍ଭ୍ରମତା ବିଶିଷ୍ଟ ମହିଳା, ନିଜର ମାନ ମହତ ଦୃଷ୍ଟିରୁ ସୀମା ଭିତରେ ରହିବା ଉଚିତ । କେଉଁଟି ଭୁଲ ସେମାନେ ଆପଣାଛାଏଁ ଜାଣିପାରନ୍ତି । ସମ୍ଭ୍ରମତା ସେମାନଙ୍କୁ ପରମ ପବିତ୍ରତାର ଉଚ୍ଚତମ ଶିଖରକୁ ଉନ୍ନୀତ କରେ । ଶିଷ୍ଟାଚାର ସମ୍ପନ୍ନ ସ୍ତ୍ରୀମାନେ ଘରେ ବାହାରେ ସମାଜରେ ତଥା ସମଗ୍ର ବିଶ୍ୱରେ ନିଜର କୃତୀତ୍ୱ ଜାହିର କରିପାରିବେ ।

ନାରୀ ଘର ଏବଂ ଧର୍ମର ଅବଲମ୍ବନ । ସେ ଚାହିଁଲେ ଭକ୍ତି ଓ ବିଶ୍ୱାସ ସୁଦୃଢ଼ କରି ପାରିବ ବା ଉତ୍ପାଟନ କରିଦେଇ ପାରିବ । ଭକ୍ତି, ବିଶ୍ୱାସ ଓ ଆଧ୍ୟାତ୍ମିକ ଉଦ୍ୟମ ନାରୀ ମାନଙ୍କର ଏକ ସ୍ୱାଭାବିକ ମନୋଭାବ । ଭକ୍ତି, ବିଶ୍ୱାସ ଓ ବିନମ୍ରତା ଥିବା ମହିଳାମାନେ ପୁରୁଷ ମାନଙ୍କୁ ମଧ୍ୟ ସାଧନା ମାର୍ଗରେ ନେବାକୁ ସମର୍ଥ ହୋଇଥାନ୍ତି । ସେମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରନ୍ତି, ଗୃହାଙ୍ଗନ ପରିଷ୍କାର କରି ସ୍ନାନ କର୍ମ ସମାପନ କରି ଜପ ଧ୍ୟାନରେ ବସନ୍ତି । ନିଜ ଘରେ ଗୋଟିଏ ସ୍ୱତନ୍ତ୍ର ପୂଜାଘର ସେମାନେ ପସନ୍ଦନ କରନ୍ତି । ସେଠାରେ ଭଗବାନଙ୍କର, ଗୁରୁ ଓ ମହର୍ଷି ମାନଙ୍କର ଚିତ୍ରପଟ୍ଟ ରଖନ୍ତି । ଘରଟିର ପବିତ୍ରତା ରକ୍ଷା କରିବା ସଙ୍ଗେ ସଙ୍ଗେ ସକାଳ ଓ ସଂଧ୍ୟା ଭଜନ ଓ ପର୍ବପର୍ବାଣୀ ପାଳନ ପୂର୍ବକ ଘରର ବାତାବରଣ ନିର୍ମଳ ରଖନ୍ତି । ଅପର ପକ୍ଷରେ ସ୍ତ୍ରୀ ଯଦି ସ୍ୱାମୀକୁ ଆଧ୍ୟାତ୍ମିକ ମାର୍ଗରୁ ଉପଭୋଗ ମାର୍ଗକୁ ଟାଣେ ବା ସ୍ତ୍ରୀ ଆଧ୍ୟାତ୍ମିକ ଆନନ୍ଦ ଆହରଣ କରୁଥିଲା ବେଳେ ସ୍ୱାମୀ ଯଦି ସ୍ତ୍ରୀ ଠାରେ ଦୋଷ ଆରୋପ କରେ ତେବେ ସେପରି ଘର 'ଘର' ପଦବାଚ୍ୟ ନୁହେଁ, ନର୍କ ସଙ୍ଗେ ସମାନ, ଭୂତକୋଠୀ ସଙ୍ଗେ ସମାନ । ଭଗବାନ ଶ୍ରୀ ସାଇ ସମସ୍ତଙ୍କୁ କୃପା କରନ୍ତୁ, ସମସ୍ତଙ୍କ ଘର ପରିବାର ଆନନ୍ଦ ଓ ଶାନ୍ତିର ସହିତ ନାରୀ ଧର୍ମର ମର୍ଯ୍ୟାଦା ରହୁ ।

# ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଓଡ଼ିଶୀ ନୃତ୍ୟ ସହିତ ତବଲା ବାଦନ, ଗଜଲ ଓ ଗଂଜାମର ପାରମ୍ପରିକ ଲୋକନୃତ୍ୟରେ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ସମ୍ମାନ ପ୍ରଦାନ ଉତ୍ସବ ୨୯ ତାରିଖରେ ମଧ୍ୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ । ତ୍ରିଧାରା ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ସମର୍ଥନ କରେ । ଏହି ପୁରସ୍କାର ଉତ୍ସବର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ କିମ୍ବଦ'ନ୍ତୀ ଗୁରୁ ତଥା ଯୁବଶିଳ୍ପୀମାନଙ୍କୁ ସମ୍ମାନ ପ୍ରଦାନ କରିବା ତଥା ସୋନଙ୍କର କଳାର ପ୍ରଚାର ଓ ପ୍ରସାର କରିବା ଏଥିସହିତ ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ଆଦିବାସୀ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପାରିକ ନୃତ୍ୟ କ୍ଷେତ୍ରରେ ଗୁରୁ ଦେବପ୍ରସାଦ ଦାସଙ୍କ ଘରାନାକୁ ପ୍ରଦର୍ଶନ ଓ ପ୍ରୋତ୍ସାହିତ କରିବା । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ । ଏହି ନୃତ୍ୟଟିକୁ ସଂଯୋଜନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ତ୍ରିଧାରାର ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟାନୁଗ୍ରହ, ଶରୀରର ଗତିବିଧି ଦ୍ୱାରା ଚମତ୍କାର ପରିବେଷଣ ଏବଂ ଚିତ୍ତାକର୍ଷକ ଅଙ୍ଗଭଙ୍ଗୀ ନୃତ୍ୟ ମାଧ୍ୟମରେ ବେଶ୍ ବାରିହେଉଥିଲା ଯାହା ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନଙ୍କର କରତାଳି ସାଉଣ୍ଟିବାରେ ସକ୍ଷମ ହୋଇଥିଲା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମାଲେସିଆର ଗୀତିକା ଶ୍ରୀ । ତାଙ୍କ ପରିବେଷଣରେ ଥିଲା ସୂର୍ଯ୍ୟାଷ୍ଟକ । ପରେ ପରେ ଦଳଗତ ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀମାନେ । ସେମାନେ ପରିବେଷଣ କରିଥିଲେ ଲକ୍ଷ୍ମୀ ନୃସିଂହ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ପରିବର୍ତ୍ତୀ ପ୍ରସ୍ତୁତିରେ ଥିଲା ଅନସୁଲ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲା ବାଦନ । ତାଳ, ଲୟ ଓ ଛନ୍ଦର ଚମତ୍କାର ସମିଶ୍ରଣରେ ତବଲା ବାଦନରେ



ତୋଡ଼ା, ତୁକ୍‌ଡ଼ା, ତାଇ, ଚକ୍ରଧାର୍ ସହିତ ତିନ୍ ତାଳରେ ୧୬ ମାତ୍ରାରେ ଦର୍ଶକମାନଙ୍କୁ ସେ ବିମୋହିତ କରିଥିଲେ । ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ । ତାଙ୍କର ଶ୍ରୁତିମଧୁର ସ୍ୱରରେ ଗଜଲ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘାଟନୀ ସଂଧ୍ୟାର ଅଂ'ମ ପ୍ରସ୍ତୁତିରେ ଥିଲା ଗଂଜାମ ଜିଲ୍ଲାର ପାରମ୍ପାରିକ ଲୋକକଳା ନୃତ୍ୟ ସଖୀ ନାଟ ଯାହାକୁ ପରିବେଷଣ କରିଥିଲେ ଗୁରୁ ଆଲୋକ ବିଶୋଇ ଓ ସାଥୀ । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ସୁର୍ଯ୍ୟନାରାୟଣ ପାତ୍ର; ଭଦ୍ରକର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ; ନୃତ୍ୟ ସମାଲୋଚକ ନୀତା ବିଦ୍ୟାର୍ଥୀ; ଆର୍ଟ ଭିଜନର ସଚିବ ଗୁରୁ ଇଲିୟାନା ଚିତାରିଷ୍ଟି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ବିଶାରଦ ରାମଲି ଇବ୍ରାହିମ, ଟି'। ଓ ଚେତନାର ସଚିବ ସୁରେନ୍ଦ୍ର କୁମାର; ପାରାଦୀପ ଫସଫେଟ ଲିମିଟେଡ଼ର ଅଧିକାରୀ ସୁଧିରନ ମିଶ୍ର; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ।

# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ସନସାଇନ କ୍ଲବ କଟକ ଫାଇନାଲରେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସନସାଇନ କ୍ଲବ କଟକ ୨/୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ଟିମର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଁଏ ଗୋଲ ଦେଇଥଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ କେହି କାହାରୁକୁ ଗୋଲ ନକରିବାରୁ କଟକ ଟିମ ୨/୦ ଗୋଲରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ଖେଳରେ ଅତିଥି ଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମର ରାକେଶ ସାହୁଙ୍କୁ ମ୍ୟାନଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଫାଇନାଲ ମ୍ୟାଚ ସନସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ଦୁଆରଗାଁ ଗ୍ରାମବାସୀ ଙ୍କ ଦ୍ୱାରା ହରିଣ ଉଦ୍ଧାର



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଂଚାୟତର ଦୁଆରଗାଁ ମଧ୍ୟକୁ ପଶି ଆସିଥିବା ୨ଟି ହରିଣ ମଧ୍ୟରୁ ଗୋଟିଏ ହରିଣ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିବା ବେଳେ ଅନ୍ୟ ହରିଣଟି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ କରି ରହିଯାଇଥିଲା । ଗ୍ରାମବାସୀମାନେ ହରିଣଟିକୁ ବିଦ୍ୟାଳୟ ପ୍ରାଙ୍ଗଣରେ ଧରିବା ପରେ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ଖଣ୍ଡପଡା ବନାଚଂଳ ଅଧିକାରୀ ଶରତ ଚନ୍ଦ୍ର ଶତପଥିଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିବା ପରେ ସ୍ଥାନୀୟ ବାସିନ୍ଦା ବନବିଭାଗ କର୍ତ୍ତୃପକ୍ଷଙ୍କୁ ହରିଣଟିକୁ ହସ୍ତାନ୍ତର କରିଥିଲେ । ଏଣେତେଣେ ଦୌଡାଦୌଡି କରି ହରିଣଟି ହାଲିଆ ହୋଇ ପଡିଥିଲା । ଖଣ୍ଡପଡା ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହରିଣଟି ପହଂଚିବାର କିଛି ସମୟପରେ ସୁସ୍ଥ ଅବସ୍ଥାକୁ ଫେରିଥିଲା । ପରେ ହରିଣଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା । ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଯୋଗୁଁ ବନ୍ୟଜନ୍ତୁଗୁଡିକ ଏବେ ଜନବସତି ଆଡକୁ ପଳାଇ ଆସି ଲୋକଙ୍କ ହାବୁଡରେ ପଡୁଥିବା ଅନୁମାନ କରାଯାଉଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ନୟାଗଡ ବନ୍ୟଖଣ୍ଡ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା ? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି ? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—ଚିତ୍ତରଞ୍ଜନ ମହାପାତ୍ର
ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଲାନ୍ତ ବା ଶରୀରର ଅବସକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧ୍ୟକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି । ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ । ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ । ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି ।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

your gateway to complete education




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣାରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ୱାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୂପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରଡାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଘଂନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ୱାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday February 07 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୦୭,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପ୍ରଥମ ଦିନିକିଆ: ଇଂଲଣ୍ଡକୁ ୪ ୱିକେଟରେ ହରାଇଲା ଭାରତ



ନାଗପୁର,(ପି.ଏନ): ନାଗପୁର ଦିନିକିଆରେ ଭାରତର ଦମଦାର ବିଜୟ । ୪ ୱିକେଟରେ ଇଂଲଣ୍ଡକୁ ହରାଇଲା ଟିମ୍ ଇଣ୍ଡିଆ । ୩୮ ଓଭର ୪ଟି ବଲରେ ୬ ୱିକେଟ ହରାଇ ୨୫୧ ରନ କଲା ଭାରତ । ଟସ ଜିତି ଇଂଲଣ୍ଡ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଇଂଲଣ୍ଡ ୪୭ ଓଭର ୪ଟି ବଲରେ ସମସ୍ତ ୱିକେଟ ୨୪୮ ରନ୍ କରିଥିଲା । ଫଳରେ ଭାରତ ଆଗରେ ୨୪୯ ରନର ବିଜୟ ଲକ୍ଷ୍ୟ ରହିଥିଲା । ତେବେ ଭାରତର ଆରମ୍ଭ ଭଲ ହୋଇ ନଥିଲା । ଅଧିନାୟକ ରୋହିତ ଶର୍ମାଙ୍କ ସହ ପଡ଼ିଆକୁ ଓହ୍ଲାଇ ଥିବା ଯଶସ୍ୱୀ ଜୟସ୍ୱାଲ ଦଳୀୟ ସ୍କ ?ାର ୧୯ ଥିବା ବେଳେ ମାତ୍ର ୧୫ ରନ କରି ଆଉଟ ହୋଇଥିଲେ । ତାଙ୍କ ପରେ ପରେ ୭ଟି ବଲରୁ ୨ ରନ୍ କରି ପୁଣି ଫ୍ଲପ ହୋଇଥିଲେ ରୋହିତ ।ପରେ ପାଳି ସମ୍ଭାଳିଥିଲେ ଶୁଭମନ ଗିଲ ଏବଂ ଶ୍ରେୟସ ଆୟାର । ଶ୍ରେୟସ ମାତ୍ର ୩୬ ବଲରେ ଧୂଆଁଧାର ୫୯ ରନର ପାରି ଖେଳିଥିଲେ । ଏଥିରେ ରହିଥିଲା ୨ଟି ଛକା ଓ ୯ଟି ଚୌକା । ୫୯ ରନରେ ଶ୍ରେୟସ ଆଉଟ ହେବା ପରେ ଆସିଥିଲେ ଅକ୍ଷର ପଟେଲ । ଶୁଭମନ ଗିଲ ୯୬ଟି ବଲରେ ୮୭ ରନ କରି ଆଉଟ ହୋଇଥିଲେ । ୮୭ ରନ ଭିତରେ ଥିଲା ୧୪ଟି ଚୌକା । ସେହିଭଳି ଅକ୍ଷର ପଟେଲ ୪୭ଟି ବଲ ଖେଳି କରିଥିଲେ ୫୨ ରନ । ଏଥିରେ ସେ ୬ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ଇଂଲଣ୍ଡ ତରଫରୁ ସକିବୁଲ ଏବଂ ଆଦିଲ ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଏବଂ ଜାକବ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପକ୍ଷରୁ ଅଧିନାୟକ ବଟଲର ୫୨, ଜାକବ ୫୧ ରନ କରିଥିବା ବେଳେ ଦୁଇ ଓପ୍ନର ସଲ୍ଟ ୪୩ ଏବଂ ଡକେଟ ୩୨ ରନ୍ କରିଥିଲେ । ଶେଷ ଆଡକୁ ଜୋଫ୍ରା ୨୧ ରନ କରି ଅପରାଜିତ ରହିଥିଲେ । ଇଂଲଣ୍ଡର ଅନ୍ୟ କେ ?ଣସି ଖେଳାଳି ଭଲ ସ୍କ ?ାର କରିପାରି ନଥିଲେ ।ଭାରତ ତରଫରୁ ହର୍ଷିତ ରାଣା ଏବଂ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ସାମୀ, ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଆସନ୍ତା ୯ ତାରିଖରେ ଦ୍ୱିତୀୟ ଦିନିକିଆ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ।

# ସଂଗ୍ରାମ ସମିତି ପକ୍ଷରୁ ସଦର ଅଂଚ୍ଳର ବିଭିନ୍ନ ସମସ୍ୟା ଉପରେ ରାଜ୍ୟ ସରକାରଙ୍କଠାରେ ଦାବି

ଫୁଲନଖରା (ପି.ଏନ): କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମସ୍ଥିତ ଶ୍ରୀମଦ ବାବା ବଳିଆଙ୍କର ଆଶ୍ରମ ପରିସରରେ ସଂଗ୍ରାମ ସମିତି କଟକର ବାର୍ଷିକୋତ୍ସବ-୨୦୨୫ ସଭାପତି ଅଧିବକ୍ତା ଉମାକାନ୍ତ ନନ୍ଦଙ୍କ ପୌରହିତ୍ୟରେ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ, ପୂଜ୍ୟ ନେତାଜୀଙ୍କ ଫଟୋଚ୍ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କଲାପରେ ସାଧାରଣ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା କ୍ଷ ଅବିଭକ୍ତ କଟକ ସଦର ଥାନା ଅଂଚ୍ଳର ସାମଗ୍ରିକ ଉନ୍ନତି ଓ ବିକାଶ ପଥରେ ସୃଷ୍ଟି ହୋଇଥିବା ସମସ୍ୟାମାନଙ୍କ ସମ୍ପର୍କରେ କାର୍ଯ୍ୟକାରୀ ସଭାପତି କେଶବ ଚ୍ନ୍ଦ୍ର କର ଓ ପୀତବାସ ମହାପାତ୍ର ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମଧ୍ୟରେ ସର୍ବ ଶ୍ରୀ ଲଳିତ କୁମାର ଦାଶ, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରଭାତ କୁମାର ସ୍ୱାଇଁ, ଇଂ ଅଶୋକ କୁମାର ବିଶ୍ୱାଳ, ଡ଼କ୍ଟର ଶରତ କୁମାର ରଥ,ପ୍ରମୋଦ କୁମାର ମହାପାତ୍ର , ନଳୀନକାନ୍ତ ପଟ୍ଟନାୟକ, ଅଶୋକ କୁମାର ରଥ, ଗଗନ ବିହାରୀ ଜେନା, ଗଣେଶ ବେହେରା, ଡାକ୍ତର ଅରବିନ୍ଦ ନନ୍ଦ, ପ୍ରଦ୍ୟୁମ୍ନ କୁମାର ପତି, ବଟକୃଷ୍ଣ ସ୍ୱାଇଁ, ଅଜୟ କୁମାର ବେଉରା, ରୁଦ୍ର ନାରାୟଣ ଦାସ, ଅମୂଲ୍ୟ କୁମାର ବାରିକ, ଦେବରଞ୍ଜନ ବୈଠାଳୁ, ବିଶ୍ୱ ରଞ୍ଜନ ଦାସ, ଶାଶ୍ୱତ କର, ସତ୍ୟରଞ୍ଜନ ଦାସ ମହାପାତ୍ର,ଅମିତ କୁମାର ପରିଜା, ଧୀରେନ୍ଦ୍ର ସାହୁ, ଚ୍ନ୍ମୟ ମହାରଣା, ପ୍ରତାପ ଚ୍ନ୍ଦ୍ରାବାହୀ, ତନ୍ମୟ ପରିଜା, ପ୍ରତାପ କେଶରୀ ପାତ୍ର, ନିରଞ୍ଜନ ପରିଜା, ସୋମନାଥ ଦାସ ଓ ମହାସଚ୍ବି ନିମାଇଁଚ୍ରଣ ଲେଙ୍କା ପ୍ରଭୃତି ଆଲୋଚ୍ନା କରି ସୁଚ୍ନ୍ତିି ମତ ଦେଇ ଏଗୁଡ଼ିକୁ ନୂତନ ଭାବେ ମାନ୍ୟବର ମୋହନ ଚ୍ରଣ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବା ଓଡିଶା ସରକାରଙ୍କ ନିକଟରେ ଦାବିଗୁଡିକ ଉପସ୍ଥାପନା କଲେ, ରାଜ୍ୟର ବିକାଶ ଓ ଉତ୍କର୍ଷ ଓଡିଶା ଗଠନ ପାଇଁ କାର୍ଯ୍ୟଦକ୍ଷ ସରକାର ନିଶ୍ଚିନ୍ତଭାବେ ନିରାକରଣ କରିବେ ବୋଲି ଆଶା ପୋଷଣ କରିଥିଲେ ଲ ବର୍ଷାରତୁ ପରେପରେ ମୁଣ୍ଡଳୀ ଆନିକଟରୁ କାଠଯୋଡ଼ି ନଦୀକୁ ଜଳ ନିଷ୍କାସନ ଦ୍ୱାର ଦୀର୍ଘ ଚ୍ାରି ଦଶନ୍ଧି ଧରି ବନ୍ଦ କରାଯାଉଥିବାରୁ ନିରନ୍ତର ଜଳପ୍ରବାହ ବିନା କାଠଯୋଡ଼ି ଓ ପ୍ରମୁଖ ଶାଖାନଦୀ ସିଡୁଆ ମୃତଅବସ୍ଥାକୁ ଆସିଗଲାଣି କ୍ଷ କୁଆଖାଇ ନଦୀରେ ମଧ ଜଳପ୍ରବାହ ହେଉନାହିଁ କ୍ଷ ନଦୀମାନଙ୍କର ଜଳପ୍ରବାହ ହେଉନଥିବାରୁ ଭୁତଳ ଜଳସ୍ତର ତଳକୁ ଚ୍ାଲି ଯାଉଅଛି , କୂପ , ପୁଷ୍କରିଣୀ ଶୁଖିଯାଉଅଛି କ୍ଷ ବିସ୍ତୀର୍ଣ୍ଣ ଇଲାକାରେ ଜଳ ବିନା ହାହାକାର ଅବସ୍ଥା ଦେଖାଯାଉଅଛି କ୍ଷ ଏତଦବ୍ୟତୀତ ଝରିଝରି ଆସୁଥିବା ସ୍ୱଚ୍ଛ ଜଳଧାରାରେ କଟକ ସହର ନାଳନର୍ଦ୍ଦମା ପାଣିକୁ ନିଷ୍କାସନ କରାଯାଉଥିବାରୁ ଜଳଧାର ପ୍ରଦୂଷିତ ହୋଇଯାଉଛି କ୍ଷ ଏହି ପ୍ରଦୂଷିତ ଜଳକୁ ବ୍ୟବହାରକରି ପ୍ରତିବର୍ଷ ଶତ ଶତ ସଂଖ୍ୟାରେମନୁଷ୍ୟ, ଗୋ ସମ୍ପଦ ପ୍ରାଣୀ ଓ ପକ୍ଷୀମାନେ ରୋଗଗ୍ରସ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି କ୍ଷ ନଦୀଜଳ ପ୍ରବାହିତ ହେଉନଥିବାରୁ ଶୁଦ୍ଧ ଶୌଚ୍କାର୍ଯ୍ୟ ଅନ୍ତେଷ୍ଟି କ୍ରିୟା ଇତ୍ୟାଦି କରାଯାଇପାରୁନାହିଁ କ୍ଷ ପୂଜା ଉତ୍ସବ ସମୟରେ ନଦୀରେ ସ୍ନାନ କରିବା,ନଦୀ ଜଳକୁ ବ୍ୟବହାର କରିବା ଓ ବୁଡ଼ ପକାଇବା କାର୍ଯ୍ୟ ସମ୍ପୂର୍ଣ ଭାବେ ଠପ ହୋଇଯାଉଅଛି କ୍ଷ ନଦୀ ଜଳ ବିନା ଚ୍ାଷ କାର୍ଯ୍ୟରେ ନାହିଁ ନଥିବା ବାଧା ସୃଷ୍ଟି ହେଉଛି କ୍ଷ ତେଣୁ ନଦୀରେ ପ୍ରଦୂଷିତବିହୀନ ଜଳପ୍ରବାହ ସୃଷ୍ଟି କରିବାକୁ ଦାବି କରାଯାଇଅଛି କ୍ଷ ନଦୀକୂଳ ବାସିନ୍ଦାଙ୍କର ବ୍ୟବହାର ପାଇଁ କାଠଯୋଡ଼ି ନଦୀ ଓ ସିଡୁଆ ନଦୀର ତଳଭାଗରେ ମଧ୍ୟମଧରଣର ଆନିକଟ ନିର୍ମାଣ କରି ଜଳଗଚ୍ଛିତ କରିବାକୁ ଦାବି କରାଯାଇଅଛି କ୍ଷ କଟକ ସହରକୁ ସଂଯୁକ୍ତ କରୁଥିବା ଝିଙ୍କିରିଆରେ କାଠଯୋଡ଼ି ନଦୀର ସେତୁ ନିକଟରେ ଦ୍ୱିତୀୟ ସେତୁ ଓ କାଜିପାଟଣାଠାରେ ତ୍ରିଶୁଳିଆକୁ ସଂଯୋଗ କରୁଥିବା କୁଆଖାଇ ନଦୀ ଉପରେ ନିର୍ମିତ ହୋଇଥିବା ସେତୁ ନିକଟରେ ଦ୍ୱିତୀୟ ସେତୁ ନିର୍ମାଣ କରିବାକୁ ଦାବି କରାଯାଇଅଛି




# ଅଷ୍ଟମ ଯଶୁଆପୁର ମହୋତ୍ସବ ନେଇ ସାମ୍ବାଦିକ ସମ୍ମିଳନୀ





ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅଧୀନସ୍ଥ ବାଳକାଟି ଶ୍ରୀ କନେଭେକସନ କଲ୍ୟାଣ ମଣ୍ଡପରେ ବୁଧବାର ମଧ୍ୟାହ୍ନରେ ଅଷ୍ଟମ ଯାଶୁଆପୁର ମହୋତ୍ସବ -୨୦୨୪ ଅନୁଷ୍ଠିତ ହେବା ନେଇ ସୂଚ୍ନା ଦେଲେ ଯାଶୁଆପୁର ବିକାଶ ପରିଷଦର ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ର । ପୁର ପଲ୍ଲୀରେ ଭାଇଚ୍ାରା କଳା ସଂସ୍କୃତି ଓ ଐତିହ୍ୟକୁ ଉଜିବୀତ କରିବା ଉଦ୍ଦେଶ୍ୟରେ ଗ୍ରାମର କିଛି ସ୍ବେଚ୍ଛାସେବୀ ଯୁବକ ମାନଙ୍କୁ ନେଇ ଗଠିତ ହୋଇଥିଲା ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ । ଆମ ଐତିହ୍ୟ, ଆମ ସଂସ୍କୃତି ଓ ଆମ ପରିଚ୍ୟକୁ ଅଧିକ ପ୍ରଚ୍ାର ପ୍ରସାର କରିବା ଲକ୍ଷ୍ୟରେ ଜନ୍ମ ନେଇଥିବା ଯଶୁଆପୁର ମହୋତ୍ସବ ଦୀର୍ଘ ୭ ବର୍ଷ ଧରି ଗାଁରେ ବିଭିନ୍ନ ଲୁକ୍କାୟିତ ପ୍ରତିଭାକୁ ସମାଜ ଆଗକୁ ଆଣିବା ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିବା ଏବଂ ବିଶ୍ୱ ଦରବାରରେ ଗାଁର ନାମକୁ ଏକ ସ୍ୱତନ୍ତ୍ର ପରିଚ୍ୟ ଦେବାକୁ ନିଜର ମୂଳ ମନ୍ତ୍ର ଭାବେ ଅଭିହିତ କରିଛି । ବିଗତ ଦିନରେ ଓଡ଼ିଶାର ଓଡିଶୀ ଠାରୁ ଆରମ୍ଭ କରି ସମ୍ବଲପୁରୀ, ଆଦିବାସୀ , ଢେମସା ଆଦି ପାରମ୍ପରିକ ନୃତ୍ୟର କଳାକାରମାନେ ଏହି ମହୋତ୍ସବରେ ନିଜର ଚ୍ତ୍ତିାକର୍ଷକ ନୃତ୍ୟ ପରିବେଷଣ କରିବେ । ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିଭାମାନଙ୍କୁ ମଧ୍ୟ ଏହି ମହୋତ୍ସବ ମଞ୍ଚରେ ସମ୍ବୋଧିତ କରିଯାଇଛି । ଭାରତ ସରକାରଙ୍କର ଡାକ ମନ୍ତ୍ରଣାଳୟ ତରଫରୁ ଏହି ମହୋତ୍ସବ ଉପରେ ଦୁଇଥର ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚ୍ତି ହେବା ଏବଂ ୨୦୨୪ ମସିହାରେ ତତ୍କାଳୀନ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚ୍ନ୍ଦନ ଏହି ମହୋତ୍ସବରେ ଯୋଗଦେଇ ନିଜର ଅଭିଭାଷଣ ମାଧ୍ୟମରେ ଆମକୁ ଉତ୍ସାହିତ କରିବା ଏହି ମହୋତ୍ସବକୁ ଅଧିକ ସ୍ମରଣୀୟ ଏବଂ ସ୍ୱତନ୍ତ୍ର କରିଛି । ଚ୍ଳିତବର୍ଷ ଫେବୃଆରୀ ୧୩ ଏବଂ ୧୪ ତାରିଖରେ ଦୁଇ ଦିନ ଧରି ଯଶୁଆପୁର ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ରାଜ୍ୟର ବିଧାୟକ, ମନ୍ତ୍ରୀମାନଙ୍କ ସହ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ୨ ଦିନର କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶୀ , ସମ୍ବଲପୁରୀ , ଗୋଟିପୁଅ ଆଦି ପାରମ୍ପରିକ ନୃତ୍ୟ ସହ ମେଲୋଡି କାର୍ଯ୍ୟକ୍ରମ ମଧ୍ୟ ରହିଛି । ଆହୁରି ମଧ୍ୟ ସମାଜ ସେବା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ଆମ ଯଶୁଆପୁର ସମ୍ମାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଆଜିର କାର୍ଯ୍ୟକ୍ରମରେ ଆମେ ମହୋତ୍ସବର ଜର୍ଶି, ପୋଷ୍ଟର ଏବଂ ଯଶୁଆପୁର ଉପରେ ଦିତୀୟ ଗୀତ 'ଆମ ଯଶୁଆପୁର' ଆଜି ଲୋକାର୍ପଣ ହୋଇଥିଲା । ଅନ୍ୟମାନଙ୍କ ଭିତରେ ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ଉମାଦେଇବ୍ରହ୍ମପୁର ସରପଞ୍ଚ ରମାଲତ ନାୟକ, ସମବାୟବିତ୍ ନଳିନୀକାନ୍ତ ମହାପାତ୍ର ଓ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଆବାସ ଯୋଜନା ଧର୍ମଙ୍କୁ ଆଖିଠାର, ପାଇଖାନାରେ ରହୁଛନ୍ତି ୭୫ ବର୍ଷିୟା ବୃଦ୍ଧା



ଘଟଗାଁ(ପି.ଏନ): ବାତ୍ୟା ଦାନା ଉଜାଡ଼ିଇ ଦେଲା ଘର । ଏବେ ବାସହରା ୭୫ ବର୍ଷିୟା ବୃଦ୍ଧା ମୁନି ମୁଣ୍ଡେ । ଘର ଖଣ୍ଡେ ନଥିବାରୁ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଘଟଗାଁ ବ୍ଲକ ଗୋପିନାଥପୁର ଗାଁର ମୁନି । ଦୟନୀୟ ଭାବେ ପାଇଖାନା ଘରେ ବିତୁଛି ସମୟ । ହେଲେ ତାଙ୍କ ଉପରେ କୌଣସି ପ୍ରଶାସନିକ ଅଧିକାରୀ ଦୃଷ୍ଟି ପଡୁ ନଥିବା ଅଭିଯୋଗ ।ସୂଚ୍ନାଯୋଗ୍ୟ, ବାତ୍ୟା ଦାନାରେ ଭୁଷୁଡି ପଡିଲା ମୁନିଙ୍କ ଘର । ଏବେ ପାଇଖାନାରେ ବିତୁଛି ଜୀବନ । ନାତି ଓ ନାତୁଣୀ ବୋହୂକୁ ନେଇ ତାଙ୍କ ପରିବାର । ବୃଦ୍ଧା ଜଣଙ୍କ ଏକ ଚ୍ାଳ ଘରେ ତାଙ୍କ ନାତି ସହିତ ରହୁଥିଲେ । କିନ୍ତୁ ଆଜକୁ ଚ୍ାରିମାସ ତଳେ ବାତ୍ୟା ଦାନା ସେସବୁକୁ ଉଜାଡି ଦେଇଗଲା । ମୁନି ଓ ତାଙ୍କ ନାତି ପରିବାର ସହିତ ରାତିରେ ଶୋଇଥିବା ବେଳେ ବର୍ଷା ପବନରେ ହଠାତ ଘରଟି ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଥିଲା ତାଙ୍କ ଉପରେ । ଫଳରେ ସମସ୍ତେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । କିନ୍ତୁ ପରିତାପର ବିଷୟ ଆଜିକୁ ଚ୍ାରିମାସ ବିତିଯାଇଥିଲେ ମଧ୍ୟ କୌଣସି ପ୍ରଶାସନ ତାଙ୍କ ପାଖରେ ପହଞ୍ଚିପାରିନି । ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ଏବେ ଘର କରିବା ପାଇଁ ସମ୍ବଳ ନାହିଁ । ଫଳରେ ସରକାର ଦେଇଥିବା ପାଇଖାନାରେ ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ବୃଦ୍ଧା ।ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଯୋଜନା ଥିଲେ ବି ଆଜି ପର୍ଯ୍ୟନ୍ତ ବୃଦ୍ଧାଙ୍କୁ ସରକାରଙ୍କ ତରଫରୁ ଘର ଖଣ୍ଡିଏ ମିଳି ପାରୁନାହିଁ । ଅନେକ ଥର ଘର ଖଣ୍ଡିଏ ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ପ୍ରଶାସନ ଅଧିକାରୀ ଆନ୍ତରିକତା ଦେଖାଇ ନାହାନ୍ତି । ଏପଟେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଏ ବାବଦରେ ଜଣାଇବା ପରେ ସେ ବୃଦ୍ଧାଙ୍କୁ ଶୀଘ୍ର ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray